## ଜିଲା ପର୍ଯ୍ୟବେକ୍ଷକଙ୍କ ଦଶମନ୍ତପୁର ବ୍ଲକ ଗସ୍ତ

ଦଶମନ୍ତପୁର,( ଡ଼ି.ଏନ.ଏ.)- କୋରାପୁଟ ଜିଲା ଦଶମନ୍ତପୁର ବ୍ଲକକୁ ବୁଧବାର ଜିଲା ପର୍ଯ୍ୟବେକ୍ଷକ ଅଧିରାଜ ପାଣିଗ୍ରାହୀ ଗସ୍ତ କରିଥିଲେ। ତାଙ୍କ ସହ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଥିଲେ। ଏହି ଅବସରରେ ସ୍ଥାନୀୟ ଏକ କଲ୍ୟାଣ ମଣ୍ଡପଠାରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ବ୍ଲକ କଂଗ୍ରେସ ସଭାପତି ହେମନ୍ତ ଖରାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ସମ୍ମିଳନୀରେ ସମ୍ମାନିତ ଅତିଥି ରୂପେ ମିନାକ୍ଷୀ ବାହିନୀପତି, ଏମ୍‌ପି ପ୍ରତିନିଧି ରୂପକ ତୁରୁକ, ପୂର୍ବତନ ବିଧାୟକ କୈଳାସ ଚନ୍ଦ୍ର କୁଲେସିକା, କୈଳାସ ଖରା, ମଣ୍ଟି ଖରା, ସୁକାନ୍ତ ପଟ୍ଟନାୟକ, ଡ଼ିମ୍ବ ପଞ୍ଚାୟତ ସେବା ଦଳର ସଭାପତି ସୁବାଷ ଖୋସଲା, ଦିଲୀପ ବାଘ ଉପସ୍ଥିତ ଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନ ସମ୍ପର୍କରେ ଆଲୋଚନା ହୋଇଥିଲା। ଦଳର ବିଜୟ ନେଇ ପ୍ରତ୍ୟେକ କର୍ମୀଙ୍କ ଏକତା ଓ ସହଯୋଗ ନିହାତି ଆବଶ୍ୟକ ବୋଲି ଜୟପୁର ବିଧାୟକ ବାହିନୀପତି କହିଥିଲେ।

**ସଂକ୍ଷେପରେ**

## ଖଳାରେ ନିଆଁ ଲାଗି ଜଳିଗଲା ଧାନଗଦା

ଦୁର୍ଗୀ,୬।୧- ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍ ଦୁର୍ଗୀ ପଞ୍ଚାୟତର କାଳିପଦର ନିକଟରେ ଏକ ଧାନ ଖଳାରେ ବୁଧବାର ନିଆଁ ଲାଗି ଧାନ ଏବଂ ପାଳ ପୋଡ଼ି ନଷ୍ଟ ହୋଇଛି। ଖଳା ନିକଟରେ ନିଆଁ ଜଳୁଥିଲା। ଏହି ସମୟରେ ଅଧିକ ପବନ ହେବାରୁ ନିଆଁ ଧାନଗଦା ଏବଂ ପାଳରେ ଲାଗିଯାଇଥିଲା। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ହେଲେ ସେତେବେଳକୁ ଧାନ ପୋଡ଼ି ନଷ୍ଟ ହୋଇଥିଲା। ଖଳାରେ ଗାଁର ପ୍ରତାପ କଲାକା ଓ ଦାସୁରୁ କଲାକାଙ୍କ ବର୍ଷକର ଧାନ ଓ ପାଳ ଗଦା ହୋଇଥିଲା। ତେବେ କ୍ଷୟକ୍ଷତିର ପରିମାଣ ଜଣାପଡ଼ିନାହିଁ।

## ଗାଁସାଥୀ ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦାବିପତ୍ର

କୋରୁକୋଣ୍ଡା,୬।୧ (ଡି.ଏନ.ଏ.)- ଗାଁ ସାଥୀ ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟିର କୋରକୋଣ୍ଡା ଶାଖା ପକ୍ଷରୁ ବୁଧବାର କନିଷ୍ଟଯନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓ ଅଂଶୁମାନ ମହାପାତ୍ରଙ୍କୁ ବିଭିନ୍ନ ସମସ୍ୟା ସମାଧାନ ନେଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। କମିଟିର ବ୍ଲକ ସଭାପତି ଘେନୁ ମୁଦୁଲି ନେତୃତ୍ୱ ନେଇଥିଲେ। ସମସ୍ତ ଗାଁ ସାଥୀଙ୍କୁ ସ୍ଥାୟୀ ନିଯୁକ୍ତି, ଆଞ୍ଚଳିକ ଚାପର ସମ୍ମୁଖୀନ ହେଉଥିବା ସାଥୀଙ୍କୁ ଅଭିଯୋଗର ତଦନ୍ତ ପୂର୍ବକ ନ୍ୟାୟ ଦେବା, ପ୍ରତ୍ୟେକ ଗାଁ ସାଥୀଙ୍କୁ ବ୍ଲକ କିମ୍ବା ଜିଲାସ୍ତରୀୟ ଆବଶ୍ୟକ ତାଲିମ ଓ ପରିଚୟ ପତ୍ର ପ୍ରଦାନ କରିବା, ସେମାନଙ୍କୁ ସପ୍ତାହକୁ ଥରେ ପ୍ରାପ୍ୟ ପ୍ରଦାନ କରିବା, ବକେୟା ପ୍ରାପ୍ୟ ତୁରନ୍ତ ପ୍ରଦାନ, ବାର୍ଷିକ କାର୍ଯ୍ୟଖସଡା ପ୍ରସ୍ତୁତିରେ କାର୍ଯ୍ୟ ଅନୁପାତ ୬୦ : ୪୦ ବଳବତ୍ତର ରଖିବା ଲାଗି ସମସ୍ତ ପଞ୍ଚାୟତକୁ ନିର୍ଦ୍ଦେଶ ଦେବା, ଗାଁ ସାଥୀଙ୍କ ନାମରେ କାର୍ଯ୍ୟାଦେଶ, ଏଷ୍ଟିମେଟର ଏକ ନକଲ ପ୍ରଦାନ କରିବା ସହ ଅନ୍ୟାନ୍ୟ ଦାବି ରହିଛି। ଦାବି ପୂରଣ ନ ହେଲେ ସଂଘ ଆଗାମୀ ଦିନରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବ ବୋଲି ସଭାପତି କହିଛନ୍ତି।

## ଜଳିଗଲା ଲକ୍ଷାଧିକ ଟଙ୍କାର ଧାନ, ମକା

ତେନ୍ତୁଳିଖୁଣ୍ଟି,୬।୧(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ୍ କାମତା ଗ୍ରାମରେ ବୁଧବାର ଅପରାହ୍ନରେ ଖଳାରେ ନିଆଁ ଲାଗି ୨ଚାଷୀଙ୍କ ଲକ୍ଷାଧିକ ଟଙ୍କାର ଧାନ ଓ ମକା ନଷ୍ଟ ହୋଇଛି। ସୂଚନା ଅନୁଯାୟୀ, ଅପରାହ୍ନରେ କୌଣସି କାରଣରୁ ଖଳାରେ ନିଆଁ ଲାଗିଯାଇଥିଲା। ଗ୍ରାମବାସୀ ଏହା ଦେଖି ନିଆଁ ଲଭାଇବାକୁ ଉଦ୍ୟମ କରିବା ସହ ଅଗ୍ନିଶମ କାର୍ଯ୍ୟାଳୟକୁ ସୂଚନା ଦେଇଥିଲେ। ତେବେ ଦମକଳ ବାହିନୀ ପହଞ୍ଚିବା ବେଳକୁ ପ୍ରାୟ ୫୦ ପ୍ରତିଶତ ଧାନ ଓ ମକା ନଷ୍ଟ ହୋଇସାରିଥିଲା। ଏଥିରେ ଗାଁର କିଶୋର ସୁନାଙ୍କ ୧୦ କୁଇଣ୍ଟାଲ ଧାନରେ ନଷ୍ଟ ହୋଇଛି। ସେହିପରି ସଦା ଛାଟିଙ୍କ ୩ଗଦା ମକା ନଷ୍ଟ ହୋଇଛି। ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ ୧୦ଏକରରୁ ଉର୍ଦ୍ଧ୍ୱ ଜମି ରହିଥିବା ଚାଷୀଙ୍କୁ ବିଳମ୍ବରେ ଟୋକନ ମିଳୁଛି। ତେଣୁ ଧାନ ବିକ୍ରି ନ ହୋଇ ପଡ଼ିରହୁଛି। ସେହିପରି ମକା କୁଇଣ୍ଟାଲ ୧ହଜାରୁ ୧୩ଶହ ଟଙ୍କା ମଧ୍ୟରେ ରହୁଥିବାରୁ ଚାଷୀ ବିକ୍ରି କରିପାରୁ ନାହାନ୍ତି। ଏଭଳି ପରିସ୍ଥିତିରେ ଦୁଇ ଚାଷୀଙ୍କୁ ରାଜସ୍ୱ ବିଭାଗ ଏବଂ ପ୍ରଧାନମନ୍ତ୍ରୀ କିଷାନ ବୀମା ଯୋଜନାରେ ସହାୟତା ପାଇଁ ବ୍ଲକ୍ କଂଗ୍ରେସ ସଭାପତି ପ୍ରହ୍ଲାଦ ହିଆଲ ଦାବି କରିଛନ୍ତି।

## ବିଧାୟକଙ୍କ ପିତୃ ବିୟୋଗ

ରାଇଘର,୬।୧(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡଙ୍କ ପିତା ବୁଦୁରାମ ଗଣ୍ଡ(୬୯)ଙ୍କ ମଙ୍ଗଳବାର ପରଲୋକ ଘଟିଛି। ସେ କିଛି ଦିନ ହେଲା ଅସୁସ୍ଥ ଥିଲେ। ଭୁବନେଶ୍ୱରସ୍ଥିତ ଏମ୍ସ୍ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଥିଲା। ତାଙ୍କ ମର ଶରୀରକୁ ରାଇଘର ବ୍ଲକ୍ ଚିତ୍ରକୋଟକୁ ଅଣାଯାଇଥିଲା। ସେଠାରେ ନବରଙ୍ଗପୁର ଜିଲା ଭାଜପା ସଭାପତି ଜଗଦୀଶ ବିଶୋଇ, ପୂର୍ବତନ ଏମ୍‌ପି ପର୍ଶୁରାମ ମାଝି, ପୂର୍ବତନ ବିଧାୟକ ସୁବାସ ଗଣ୍ଡ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଅନ୍ତିମ ଦର୍ଶନ କରିଥିଲେ।

## ଅଭିଭାବକ,ଶିକ୍ଷକଙ୍କ ସହ ଆଲୋଚନା

ଜୟପୁର, ୬।୧(ନି.ପ୍ର.)-ଆସନ୍ତା ୮ତାରିଖରୁ ବିଦ୍ୟାଳୟଗୁଡିକ ଖୋଲିବ। କେବଳ ଦଶମ ଓ ଦ୍ୱାଦଶ ଶ୍ରେଣୀରେ ପାଠପଢ଼ା ହେବ। ଏହାକୁ ଦୃଷ୍ଟିରେ ରଖି ଶିକ୍ଷା ବିଭାଗ ଯୁଗ୍ମ ନିର୍ଦ୍ଦେଶକ ତଥା କୋରାପୁଟ ଜିଲା ଜୋନାଲ ଅଫିସର ପ୍ରକାଶ ଚନ୍ଦ୍ର ଜୋଷୀ ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ଅଭିଭାବକମାନଙ୍କ ସହ ଆଲୋଚନା କରିଛନ୍ତି। ବୋର୍ଡ ପରୀକ୍ଷା ପାଇଁ ଶିକ୍ଷାଦାନ ଓ କୋଭିଡ୍ କଟକଣା ସମ୍ପର୍କରେ ଆଲୋଚନା ହୋଇଥିଲା। ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଭାଜପା ପକ୍ଷରୁ ଟାଉନ ଥାନା ଘେରାଉ

**ମାହାଙ୍ଗା ଡବଲ ମର୍ଡର ଘଟଣା**

କୋରାପୁଟ/ପଟ୍ଟାଙ୍ଗୀ,୬।୧(ସ୍ୱ.ପ୍ର./ଡି.ଏନ୍.ଏ)



କୋରାପୁଟଠାରେ ଭାଜପା କର୍ମକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ମାହାଙ୍ଗାରେ ଜଣେ ଭାଜପା ନେତା ଓ ତାଙ୍କ ସହଯୋଗୀଙ୍କୁ ହତ୍ୟା କରିବା ଘଟଣାରେ କୋରାପୁଟ ନଗର ଭାଜପା ପକ୍ଷରୁ ବୁଧବାର ଟାଉନଥାନା ଘେରାଉ କରି କର୍ମକର୍ତ୍ତାମାନେ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରଛନ୍ତି। ଘଟଣାରେ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କ ହାତ ଥିବା ଅଭିଯୋଗ କରି ତାଙ୍କର କୁଶ ପୁତଳିକା ଦାହ କରିଥିଲେ। ପରେ ଟାଉନଥାନା ସମ୍ମୁଖରେ ଧାରଣା ଦେଇଥିଲେ । ଉପରେକ୍ତ ଘଟଣାରେ ମନ୍ତ୍ରୀଙ୍କୁ ତୁରନ୍ତ ଗିରଫ କରିବା ସହ ତାଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରିବାକୁ ଦାବି କରିଥିଲେ । ତ୍ରିପୁରାରୀ ଗରଡା ଓ ପୂର୍ବତନ ଜିଲା ସଭାପତି ବିଜୟ କୁମାର ମିଶ୍ର, ଅଶ୍ୱିନୀ ପଟ୍ଟନାୟକ, ନୃପେନ୍ଦ୍ର ନାରାୟଣ ବାଘ, ଭାଗୀରଥି ପାଟନିଆଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ପଟ୍ଟାଙ୍ଗୀରେ ମଧ୍ୟ ମାହାଙ୍ଗା ହତ୍ୟାକାଣ୍ଡ ଘଟଣାର ପ୍ରତିବାଦ କରି ଥାନା ସମ୍ମୁଖରେ ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗିଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଦଳର କର୍ମକର୍ତ୍ତା ଓ କର୍ମୀମାନେ ଏକ ରାଲିରେ ଥାନା ନିକଟରେ ପହଞ୍ଚି କୋରାପୁଟ ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଥାନା ଅଧିକାରୀ ବିଜୟରାଜ ମାଝିଙ୍କୁ ଦେଇଥିଲେ। ଏହି ହତ୍ୟାକାଣ୍ଡ ପଛରେ ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କ ହାତ ଥିବାରୁ ତାଙ୍କୁ ତଦନ୍ତ ପରିସରଭୁକ୍ତ କରି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦଳ ଦାବି କରିଛି। ନିର୍ବାଚନ ମଣ୍ଡଳୀ ପ୍ରଭାରୀ ସରୋଜ ମିଶ୍ର, ପଟ୍ଟାଙ୍ଗୀ ମଣ୍ଡଳ ସଭାପତି ବଳରାମ ଚପଡି, ବଳରାମ ବାରିକ, ନନ୍ଦପୁର ମଣ୍ଡଳ ସଭାପତି ଜୟରାମ ଭୋଇ, ପାଡୁଆ ମଣ୍ଡଳ ସଭାପତି ସୁଦର୍ଶନ ପାଙ୍ଗି, ସୁବାଇ ମଣ୍ଡଳ ସଭାପତି ରବି ଗମାଙ୍ଗ, ଯୁବ ମୋର୍ଚ୍ଚା ସଭାପତି ରାଜେନ୍ଦ୍ର ପଟ୍ଟନାୟକଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ସ୍କୁଲ, ହଷ୍ଟେଲ ବ୍ୟବସ୍ଥା ଅନୁଧ୍ୟାନ କଲେ ଯୁଗ୍ମ ନିର୍ଦ୍ଦେଶିକା

**୮ରୁ ଖୋଲିବ ସ୍କୁଲ**

ନବରଙ୍ଗପୁର/ଉମରକୋଟ, ୬।୧(ବି.ପ୍ର./ସ୍ୱ.ପ୍ର.)


ଯୁଗ୍ମ ନିର୍ଦ୍ଦେଶିକା ବିଦ୍ୟାଳୟ ପରିସର ଅନୁଧ୍ୟାନ କରୁଛନ୍ତି ।

ରାଜ୍ୟରେ ୮ତାରିଖରୁ ସ୍କୁଲ ଖୋଲିବ। ଦଶମ ଶ୍ରେଣୀ ପିଲାଙ୍କ ପାଠପଢ଼ା ଆରମ୍ଭ ହେବ। ତେବେ ଦୀର୍ଘ ମାସ ପରେ ସ୍କୁଲଗୁଡ଼ିକ ଖୋଲୁଥିବାରୁ ବିଭାଗ ପକ୍ଷରୁ ପ୍ରସ୍ତୁତି ଚାଲିଛି। ବୁଧବାର ଶିକ୍ଷା ବିଭାଗ ଯୁଗ୍ମ ନିର୍ଦ୍ଦେଶିକା ଅନୁରାଧା ସେନାପତି ନବରଙ୍ଗପୁର ଜିଲାର ବିଭିନ୍ନ ସ୍କୁଲ ପରିଦର୍ଶନ କରି ସମସ୍ତ ବ୍ୟବସ୍ଥାର ଅନୁଧ୍ୟାନ କରିଛନ୍ତି। ନବରଙ୍ଗପୁରସ୍ଥିତ ଆର୍‌ସିଡି ନୋଡାଲ ସ୍କୁଲ, ଝରିଗାଁସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ହାଇସ୍କୁଲ, ଉମରକୋଟ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ସାମୀ ବିବେକାନନ୍ଦ ହାଇସ୍କୁଲ, ଜମୁରୁଣ୍ଡା ହାଇସ୍କୁଲ ସମେତ ସଦାଶିବ ଉଚ୍ଚ ବିଦ୍ୟାଳୟ ବୁଲି ସେ ସ୍ଥିତି ପରଖିଥିଲେ। ତେବେ ଉମରକୋଟ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ କରୋନା ସମୟରେ ଅସ୍ଥାୟୀ ମେଡିକାଲ କ୍ୟାମ୍ପ ଖୋଲାଯାଇଥିଲେ ମଧ୍ୟ ସେଠାରେ ସାନିଟାଇଜ୍ କରାଯାଇ ନ ଥିବା ଜଣାପଡ଼ିଥିଲ। ସେହିପରି ଅଧିକାଂଶ ହାଇସ୍କୁଲରେ ଶୌଚାଳୟ ବ୍ୟବସ୍ଥା ଠିକ୍ ନ ଥିବା ସେ କହିଥିଲେ। ତେବେ ସ୍କୁଲ ଖୋଲିବା ପୂର୍ବରୁ ଅଭିଭାବକଙ୍କ ଘୋଷଣାନାମା, ଶୌଚାଳୟ, ବସିବା ବ୍ୟବସ୍ଥା ଏବଂ ସାନିଟାଇଜ ଉପରେ ଯୁଗ୍ମ ନିର୍ଦ୍ଦେଶିକା ଗୁରୁତ୍ୱାରୋପ କରିଛନ୍ତି। ପରିଦର୍ଶନବେଳେ ଯୁଗ୍ମ ନିର୍ଦ୍ଦେଶିକାଙ୍କ ସମେତ ଡିଏସ୍‌ଏସ୍ ଅକ୍ଷୟ ସ୍ୱାଇଁ, ଡିପିସି ପ୍ରଦୀପ୍ତ ଷଡ଼ଙ୍ଗୀ ଉପସ୍ଥିତ ଥିଲେ। ପରେ ଉମରକୋଟ, ଝରିଗାଁ, ରାଇଘର ବିଇଓଙ୍କୁ ନେଇ ଉମରକୋଟ ବିଇଓ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ହଷ୍ଟେଲରେ ଛାତ୍ରୀଛାତ୍ରଙ୍କ କୋଠରୀ, ବ୍ୟବହାର କରୁଥିବା ଖଟ ଏବଂ ଶୌଚାଳୟ ବ୍ୟବହାର ଉପଯୋଗୀ କରିବା ଏବଂ ସାନିଟାଇଜ୍ କରିବା ପାଇଁ ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶିକା ନିର୍ଦ୍ଦେଶ ଦେଇଥିଲେ।

## ସ୍କୁଲ ଖୋଲିବା ପୂର୍ବରୁ ସୁରକ୍ଷା ପ୍ରସ୍ତୁତି

ଚନ୍ଦାହାଣ୍ଡି,୬।୧(ଡି.ଏନ୍.ଏ.)

ରାଜ୍ୟରେ ଶୁକ୍ରବାରଠାରୁ ୧୦ମ ଶ୍ରେଣୀ ପିଲାଙ୍କ ପାଇଁ ସ୍କୁଲ ଖୋଲିବ। ଏଥିପାଇଁ ସ୍କୁଲଗୁଡ଼ିକ ପକ୍ଷରୁ ପ୍ରସ୍ତୁତି ଚାଲିଛି। କରୋନା କଟକଣା ମଧ୍ୟରେ ପିଲାଙ୍କୁ କିପରି ପଢ଼ାଯିବ ସେ ନେଇ ବୁଧବାର ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡିବ୍ଲକ୍‌ନୂତନ ସରକାରୀ ପାନାବେଡ଼ା ହାଇସ୍କୁଲଠାରେ ବିଇଓ ଭଜନଲାଲ ମାଝିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ହୋଇଥିଲା। ତହସିଲଦାର ହୃଦାନନ୍ଦ ସିଂ ମାଝି, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡା. ସଂଗ୍ରାମ କେଶରୀ ସାହୁ, ପ୍ରଧାନ ଶିକ୍ଷକ ଶରତ କୁମାର ମାଝି, ନାଜାରାନା ପାରବୀନ, ସୁଜନ ମନହିରା, ଜଗଦିଶ ଗୌଡ଼, ବିପିଏମ୍ ସୁଦୀପ୍ତ ରଞ୍ଜନ ରାଉତଙ୍କ ସମେତ ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯୋଗଦେଇଥିଲେ। ବୈଠକରେ ଛାତ୍ରୀଛାତ୍ରଙ୍କ ସାମାଜିକ ଦୂରତା, ମାସ୍କ ବ୍ୟବହାର ଏବଂ ପରସ୍ପର ମଧ୍ୟରେ ବହି, ଖାତା ଅଦଳ ବଦଳ ନ କରିବାକୁ ଗୁରୁତ୍ୱ ଦିଆଯାଇଛି। ଏହା ବ୍ୟତୀତ ସ୍କୁଲ ପରିସରରେ ଥିବା ଶୌଚାଳୟକୁ ସଫା କରିବା ସହ ପାନୀୟ ଜଳ ବ୍ୟବସ୍ଥା ନିମନ୍ତେ ବିଇଓ ଶିକ୍ଷକମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଡିଆରଡିଏ ପିଡିଙ୍କୁ ବିଦାୟ ସମ୍ବର୍ଦ୍ଧନା

ରାୟଗଡ଼ା ଅଫିସ/ଗୁଣପୁର, ୬।୧(ଡି.ଏନ୍.ଏ.)

ରାୟଗଡ଼ା ଡିଆରଡିଏ ପିଡି ଅମୃତ ଋତୁରାଜଙ୍କ କେନ୍ଦ୍ରାପଡ଼ା ଜିଲାପାଳଭାବେ ପଦୋନ୍ନତି ହୋଇଛି। ବୁଧବାର ରାୟଗଡ଼ା ଜିଲା ପ୍ରଶାସନ ତରଫରୁ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ଗୁଣପୁର ଉପଜିଲାପାଳ ସୋନାଲ ଜେନା, ରାୟଗଡ଼ା ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ, ଗୁଣପୁର ଆଇଟିଡିଏ ପିଏ ଗୋରଚନ୍ଦ ଗମାଙ୍ଗ, ସିଡିଏମ୍‌ଓ ଡା. ଆର୍ତ୍ତବନ୍ଧୁ ନାୟକଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, ସମସ୍ତ ବିଡିଓ, ତହସିଲଦାର ଉପସ୍ଥିତ ରହି ନୂତନ ଦାୟିତ୍ୱ ପାଇଁ ଶୁଭେଚ୍ଛା ଜଣାଇଥିଲେ। ଦୀର୍ଘବର୍ଷମଧ୍ୟରେ ସମସ୍ତଙ୍କ ସହଯୋଗ ମିଳିଥିବାରୁ ପିଡିଋତୁରାଜ ସମସ୍ତଙ୍କୁ ଧନ୍ୟବାଦ ଜଣାଇ ଥିଲେ। ସେହିପରି ସନ୍ଧ୍ୟାରେ ଗୁଣପୁର ଉପଜିଲାପାଳଙ୍କ ସଦ୍‌ଭାବନା ଗୃହରେ ପିଡିଙ୍କୁ ବିଦାୟ କାଳିନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଋତୁରାଜ ଗୁଣପୁରଠାରେ ଚାକିରି ଜୀବନ ଆରମ୍ଭ କରି ଉପଜିଲାପାଳ ଥିଲେ।

# ୭ଦିନିଆ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

କୋରୁକୋଣ୍ଡା,୬।୧(ଡି.ଏନ.ଏ.)


ଉଦ୍‌ଘାଟନ ପୂର୍ବରୁ ୨ ଦଳର ଖେଳାଳି ।

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ସଦର ପଞ୍ଚାୟତର କୁମ୍ଭାରଗୁଡ଼ା ଖେଳ ପଡ଼ିଆଠାରେ ୭ ଦିନିଆ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଛି। କୁମ୍ଭାରଗୁଡା ଯୁବକ ସଂଘ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟରେ ମୁଖ୍ୟଅତିଥି ଭାବେ ବ୍ଲକ କଂଗ୍ରେସ କମିଟି ସଭାପତି ନାୟକ ପାତ୍ର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୋଟ ୮ଟି ଟିମ୍ ଭାଗନେବେ। ପ୍ରଥମଦିନର ଉଦ୍‌ଘାଟନୀ ମ୍ୟାଚ୍ ପିଟାକାଟା ଓ ବେହେରାଗୁଡା ଦଳ ମଧ୍ୟରେ ୧୫ ଓଭର ଲେଖାଏ ଖେଳ ହୋଇଥିଲା। ପ୍ରଥମେ ପିଟାକଟା ବ୍ୟାଟିଂକରି ୭୮ ରନ୍ କରି ଅଲଆଉଟ୍ ହୋଇଯାଇଥିଲା। ପରେ ବିଜୟ ଲକ୍ଷ୍ୟ ନେଇ ବେହେରାଗୁଡା ଦଳ ୧୨ ଓଭରରେ ଧାର୍ଯ୍ୟ ରନ୍ ପୂରଣ କରି ବିଜୟୀ ହୋଇଥିଲା। ଆସନ୍ତା ୧୩ରେ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଖେଳ ଦେଖିବାକୁ ପଡ଼ିଆରେ ଆଖପାଖ ଗ୍ରାମର ଶତାଧିକ ଲୋକ ଭିଡ଼ ଜମାଇଥିଲେ।

## ଭତରା ସମାଜ ସଭାଗୃହ ପାଇଁ ଭିତ୍ତି ଦେଲେ ବିଧାୟକ

ଡାବୁଗାଁ,୬।୧(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ୍ ଅନ୍ତର୍ଗତ ଡାବୁଗାଁ–ମେଦନା ରାସ୍ତା ପାର୍ଶ୍ୱସ୍ଥ ଅଖିଳ ଭାରତୀୟ ଭତରା ବିକାଶ ପରିଷଦର ମଣ୍ଡଳ ସ୍ତରୀୟ ସଭାଗୃହ ନିର୍ମାଣ ନିମନ୍ତେ ବୁଧବାର ବିଧାୟକ ମନୋହର ରନ୍ଧାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏଥିରେ ଡାବୁଗାଁ ଭତରା ସମାଜ ତରଫରୁ ଗୃହ ନିର୍ମାଣ ନିମନ୍ତେ ଆର୍ଥିକ ସହାୟତା ପାଇଁ ବିଧାୟକଙ୍କୁ ଅନୁରୋଧ କରାଯାଇଥିଲା। କାର୍ଯ୍ୟକ୍ରମରେ ପରିଷଦର ସଭାପତି ମୋହନ ନାୟକ, ସମ୍ପାଦକ ରାଇସିଂ ପୂଜାରି, ଜିଲା ସମ୍ପାଦକ ଜୟରାମ ଭତ୍ରା, ଦିବାକର ପୂଜାରୀ, ଉମରକୋଟ ସଭାପତି ରାଜମନ ଭତ୍ରା, ଝରିଗାଁ ସଭାପତି ସୁକଚାନ୍ଦ ମାଝି, ଗଜେନ୍ଦ୍ର ପ୍ରସାଦ ମାଝି, କୋଷାଗୁମୁଡ଼ା ସଭାପତି କୁଣିଆ ମାଝି, ସମ୍ପାଦକ ଲାଛମନ ମାଝିଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ମନ୍ତ୍ରୀଙ୍କ ବହିଷ୍କାର ଦାବିକଲା ଭାଜପା

ରାୟଗଡ଼ା ଅଫିସ,୬।୧

ମାହାଙ୍ଗାରେ ଭାଜପା ନେତା ଓ ତାଙ୍କ ସହଯୋଗୀଙ୍କୁ ହତ୍ୟା ଘଟଣାରେ ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ଦାୟୀ କରିଛି ଭାଜପା। ରାୟଗଡ଼ା ଜିଲା ଭାଜପା ପକ୍ଷରୁ ବୁଧବାର ମନ୍ତ୍ରୀଙ୍କ ବହିଷ୍କାର ଦାବି କରି ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିସହ ଏସ୍‌ପି ବିବେକାନନ୍ଦ ଶର୍ମାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଜିଲା ଭାଜପା ସଭାପତି ଶିବ ପଟ୍ଟନାୟକଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଶାସକ ଦଳର ଗୁଣ୍ଡାରାଜ ବଢ଼ିଚାଲିଛି ବୋଲି ଅଭିଯୋଗ କରାଯାଇଥିଲା। ବିକ୍ଷୋଭରେ ଦଳୀୟ ନେତା ବସନ୍ତ ଉଲାକା, ରାଷ୍ଟ୍ରୀୟ ଜନଜାତି ମୋର୍ଚ୍ଚା ଉପାଧ୍ୟକ୍ଷ କାଳୀରାମ ମାଝି, ଦଳୀୟ ନେତା ରଜତ ମାଦଳା, ନଗର ସଭାପତି ଶ୍ୟାମ କୁମାର ଦାଶ, ନଗର ମହିଳା ମୋର୍ଚ୍ଚା ସଭାପତି ଲକ୍ଷ୍ମୀ ବୁରୁଡ଼ି, ନଗର ଉପସଭାପତି ମଞ୍ଜୁଳା ମିନିଆକା, ନଗର ଯୁବମୋର୍ଚ୍ଚା ସଭାପତି ରାଜେଶ ପାଣିଗ୍ରାହୀ, ନଗର ଏସ୍‌ସି ମୋର୍ଚ୍ଚା ସଭାପତି ଜିତେନ୍ଦ୍ର ନାୟକ, ଗ୍ରାମୀଣ ମଣ୍ଡଳ ସଭାପତି ତରୁଣ ଗରଡ଼ିଆ ପ୍ରମୁଖ ସାମିଲ ଥିଲେ।

# ୩ ନାବାଳିକା ଅପହରଣ ମାମଲା, ୨ ଗିରଫ

ନବରଙ୍ଗପୁର,୬।୧(ବି.ପ୍ର.)

ନବରଙ୍ଗପୁର ଥାନା ଅଞ୍ଚଳରେ ହୋଇଥିବା ୩ ନାବାଳିକା ଅପହରଣ ମାମଲାରେ ପୋଲିସ ୩ଜଣଙ୍କୁ ଧରିବାରେ ସଫଳ ହୋଇଛି। ସେମାନଙ୍କ ମଧ୍ୟରୁ ୨ଜଣଙ୍କୁ ଗିରଫ କରାଯିବା ସହ ଜଣେ ନାବାଳକଙ୍କୁ ବ୍ରହ୍ମପୁର ବାଳ ସୁଧାର ଗୃହକୁ ପଠାଯାଇଛି। ନବରଙ୍ଗପୁର ଥାନା ବିକ୍ରମପୁର ପଞ୍ଚାୟତର ଜାମ୍ବଗୁଡ଼ା ଗ୍ରାମର ଜଣେ ନାବାଳକ ସେହି ଗ୍ରାମର ଜଣେ ନାବାଳିକାଙ୍କୁ ନେଇ କେଉଁଆଡ଼େ ଚାଲିଯାଇଥିଲେ। ନାବାଳିକାଙ୍କ ମା' ଝିଅର ନିଖୋଜ ନେଇ ଥାନାରେ ଏତଲା ଦେଇଥିଲେ। ପୋଲିସ ତଦନ୍ତ କରି ନାବାଳିକା ଓ ନାବାଳକଙ୍କୁ ତୁମର୍ଲାରୁ ଉଦ୍ଧାର କରିଥିଲା। ପରେ ମାମଲା ଅପହରଣ ଓ ବଳାତ୍କାରରେ ପରିବର୍ତ୍ତନ ହୋଇଥିଲା। ସେହିପରି ଦଳେଇଗୁଡା ଗ୍ରାମର ଜଗବନ୍ଧୁ ବିବାହିତ ହୋଇ ମଧ୍ୟ ବେହେରାଗୁଡ଼ା ଗ୍ରାମର ଜଣେ ନାବାଳିକାଙ୍କୁ ମଙ୍ଗଳବାର ଅପହରଣ କରି ନେଉଥିଲେ। ଏହି ସମୟରେ ନାବାଳିକାଙ୍କ ସମ୍ପର୍କୀୟ ତାଙ୍କୁ କାବୁ କରି ଥାନାରେ ଦେଇଥିଲେ। ଜଗବନ୍ଧୁ ଗିରଫ ହୋଇଛନ୍ତି। ସେହିପରି ବେହେରାଗୁଡ଼ା ଗ୍ରାମର ଅନ୍ୟ ଏକ ନାବାଳିକା ଅପହରଣ ମାମଲାରେ ପୋଲିସ ସେହି ଗ୍ରାମର ଯୁବକ କେଶବଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଭିଜିଲାନ୍ସ ସର୍କିଟ କୋର୍ଟ ଖୋଲିବାକୁ ଦାବି


ଓକିଲ ସଂଘ ପକ୍ଷରୁ ଜିଲା ଦୌରା ଜଜ୍‌ଙ୍କୁ ସ୍ମାରକପତ୍ରର ଏକ କପି ପ୍ରଦାନ କରାଯାଉଛି।

ମାଲକାନଗିରି,୬।୧(ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ଭିଜିଲାନ୍ସ ସର୍କିଟ କୋର୍ଟ ଓ ପବ୍ଲିକ୍ ୟୁଟିଲିଟି କୋର୍ଟ ପ୍ରତିଷ୍ଠା ପାଇଁ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲା ଓକିଲ ସଂଘ ବୁଧବାର ଜିଲାପାଳ ୱାଇ. ବିଜୟଙ୍କୁ ପ୍ରଦାନ କରିଛି। ଜିଲାରେ ଦିନକୁ ଦିନ ଦୁର୍ନୀତି ବଢିବାରେ ଲାଗିଛି। ଏ ସମ୍ପର୍କିତ ମାମଲା ରୁଜୁ ପାଇଁ ସାଧାରଣ ଲୋକଙ୍କୁ ଜୟପୁରକୁ ଯିବାକୁ ପଡୁଛି। ମାଲକାନଗିରି ଜିଲାରେ ଦୁର୍ନୀତି ନିବାରଣ ଲାଗି ଏକ ସର୍କିଟ ନ୍ୟାୟାଳୟ ଖୋଲାଗଲେ ଜନସାଧାରଣ ଉପକୃତ ହେବେ ବୋଲି ସଂଘ ପକ୍ଷରୁ ସ୍ମାରକପତ୍ରରେ କୁହାଯାଇଛି। ସେହିପରି ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ନିର୍ଦ୍ଧାରିତ ସମୟରେ ଲୋକଙ୍କୁ ସେବା ଯୋଗାଇ ନ ଦେଲେ ଲୋକେ ୟୁଟିଲିଟି ସର୍କିଟ ଅଦାଲତର ଆଶ୍ରୟ ନେଇପାରିବେ। ଏଥିପାଇଁ ଏଠାରେ ୟୁଟିଲିଟି ସର୍କିଟ ଅଦାଲତ ପ୍ରତିଷ୍ଠାର ଆବଶ୍ୟକତା ରହିଛି ବୋଲି ଓକିଲ ସଂଘ ସଭାପତି ଦୁର୍ଗାପ୍ରସାଦ ତ୍ରିପାଠୀ କହିଛନ୍ତି। ସ୍ମାରକପତ୍ର ପ୍ରଦାନ ସମୟରେ ସଭାପତି ତ୍ରିପାଠୀଙ୍କ ସମେତ ସମ୍ପାଦକ ଲମ୍ବୋଦର ତୁରୁକ ଏବଂ ଉପସଭାପତି ହୃଷୀକେଶ ପଣ୍ଡା ଉପସ୍ଥିତ ଥିଲେ। ଏହି ଅବସରରେ ଓକିଲ ସଂଘ ପକ୍ଷରୁ ଜିଲା ଦୌରା ଜଜ୍‌ଙ୍କୁ ତାଙ୍କ ପ୍ରକୋଷ୍ଠରେ ସ୍ମାରକପତ୍ରର ଏକ କପି ପ୍ରଦାନ କରାଯାଇଥିଲା।

# ବିକାଶ ପରିଷଦ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ

ବୋରିଗୁମ୍ମା,୬।୧(ଡି.ଏନ.ଏ.)

କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ ନକୁଲଗୁଡ଼ା ଠାରେ ବୁଧବାର ଜିଲା ଅମନାତ୍ୟ ବିକାଶ ପରିଷଦର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା ସଭାପତି ଧନୁର୍ଜୟ ପୂଜାରୀ ସଭାପତିତ୍ୱ କରିଥିଲେ। ପରିଷଦର ଉପଦେଷ୍ଟା ନରସିଂହ ନାୟକ,ନୀଳକଣ୍ଠ ଦଳପତି,ସମ୍ପାଦକ ତୀର୍ଥ ଦାଶ ଚୌଧୁରୀ,ଉପସଭାପତି ବିଦ୍ୟାଧର ନାୟକ,କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ବୈଠକ ପୂର୍ବରୁ ବିଭିନ୍ନ ବ୍ଲକରୁ ଆସିଥିବା ୬୦ରୁ ଉର୍ଦ୍ଧ୍ୱ କର୍ମକର୍ତ୍ତାଙ୍କୁ ନେଇ ସେମାଳାଗୁଡ଼ା ଗ୍ରାମରେ ଏକ ସଚେତନ କାର୍ଯ୍ୟକ୍ରମ କରାଯାଇଥିଲା। ସେମାଳାଗୁଡ଼ା ଗ୍ରାମରୁ ପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ କର୍ମକର୍ତ୍ତାମାନେ ସଫେଇ କରିଥିଲେ। ବିକାଶ ପରିଷଦର ଏଭଳି ପ୍ରୟାସକୁ ସରପଞ୍ଚ ପବିତ୍ର ଅମନାତ୍ୟ ସ୍ୱାଗତ କରିଛନ୍ତି। ଆଗାମୀ ଦିନରେ ଗ୍ରାମାଞ୍ଚଳର ସ୍ୱଚ୍ଛ ପରିବେଶ ନେଇ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ପରିଷଦର ଜିଲା ସଭାପତି ଧନୁର୍ଜୟ ପୂଜାରୀ କହିଛନ୍ତି।

# ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା: ବ୍ଲକସ୍ତରୀୟ କାର୍ଯ୍ୟକ୍ରମ

କାଲିମେଳା,୬।୧(ଡି.ଏନ.ଏ)

ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ବିଭାଗ ପକ୍ଷରୁ ଆଦିବାସୀ ବହୁଳ ମାଲକାନଗିରି ଜିଲା କାଲିମେଳା ବ୍ଲକରେ ୧୨ଟି ଗ୍ରାମକୁ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ରୂପେ ଚୟନ କରାଯାଇ ଅର୍ନ୍ତଭୁକ୍ତ କରାଯାଇଛି। ଏନେଇ ବୁଧବାର ଏହାର ବ୍ଲକ ସ୍ତରୀୟ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରାଯାଇଥିଲା। ପ୍ରକଳ୍ପର ପ୍ରାରମ୍ଭିକ ବୈଠକ ତେଲରାଇ ପଞ୍ଚାୟତର ଜବାନପାଲି ଉଚ୍ଚ ପ୍ରଥମିକ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ବାଳମୁକୁନ୍ଦ ଭୂୟାଁ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ରୂପେ ବ୍ଲକ ଅଧ୍ୟକ୍ଷ ମାଲା ମାଡ଼ି,ବିଡିଓ ଉମା ଶଙ୍କର ଦଳାଇ,ତେଲରାଇ ସରପଞ୍ଚ ମୁତା ସୋଡ଼ି, ସମିତି ସଭ୍ୟ ତାପସ ମଣ୍ଡଳ ପ୍ରମୁଖ ଉପସ୍ଥିତ ରହି ଆଦର୍ଶ ଗ୍ରାମ ଯୋଜନାର କାର୍ଯ୍ୟକାରିତା ଉପରେ ଆଲୋଚନା କରିଥିଲେ। ବୈଠକରେ ଜବାନପାଲି,ଏମଭି–୧୦୭,ଏମପିଭି–୬୩ ସମେତ ଅନ୍ୟାନ୍ୟ ଗ୍ରାମରୁ ଶତାଧିକ ଲୋକ ଉପସ୍ଥିତ ଥିଲେ। ଆଦର୍ଶ ଗ୍ରାମ ଯୋଜନାରେ ଗ୍ରାମର ବ ରାସ୍ତାଘାଟ, ପାନୀୟ ଜଳ, ବିଦ୍ୟାଳୟ, ବିଦ୍ୟୁତ୍ ସ୍ୱାସ୍ଥ୍ୟସେବା,କୃଷି ମାଛଚାଷର ଉନ୍ନତି କରାଯିବ। ପ୍ରଧାନଶିକ୍ଷକ ନବ କିଶୋର ମଲ୍ଲିକ ଧନ୍ୟବାଦ ଦେଇଥିଲେ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# ଅନ୍ଧବିଶ୍ୱାସରୁ ଦୂରେଇ ନାରୀଶିକ୍ଷାକୁ ଗୁରୁତ୍ୱ

**ଯାଦବ ସମାଜର ବୈଠକ**

ଚନ୍ଦାହାଣ୍ଡି,୬।୧(ଡି.ଏନ୍.ଏ.)


ଯାଦବ ସମାଜ ପକ୍ଷରୁ ଚାଲିଥିବା ବୈଠକ ।

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ୍ ଫୁଲଝରି ଡ୍ୟାମ ନିକଟରେ ବୁଧବାର ଯାଦବ ସମାଜର ବୈଠକ ଓ ରାଜନୈତିକ ସମୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ସଭାପତି ଜଗଦୀଶ ଗୌଡ଼ଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମାଜର ଜିଲା ସଭାପତି କାର୍ତ୍ତିକ ଚନ୍ଦ୍ର ବାଘ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ରୂପେ ଯୁବ ଯାଦବ ସଙ୍ଗଠକ ଭୋଦେବ ବାଘ, ଯାଦବ ବଗର୍ତ୍ତି, ଶୋଭାସିଂ ପୋଡ଼, ରଷ୍ଟୁଚନ୍ଦ୍ର ବାଘ, ଘନଶ୍ୟାମ କଟା, ସୁରୁଚନ୍ଦ୍ର ବାଘ ଉପସ୍ଥିତ ଥିଲେ। ସମାଜରେ ରହିଥିବା ଅନ୍ଧବିଶ୍ୱାସକୁ ଦୂର କରିବା ସହ ନାରୀଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଝରାବାହାଲ ଗ୍ରାମରେ ଏମ୍‌ପି ଓ ବିଧାୟକଙ୍କ ପାଣ୍ଠିରୁ ନିର୍ମାଣ କରାଯାଉଥିବା ରାଧାକୃଷ୍ଣ ମନ୍ଦିର ନିମନ୍ତେ ସମାଜର ପ୍ରତ୍ୟେକ ପରିବାର ସାହାଯ୍ୟ କରିବାକୁ ନଷ୍ପତ୍ତି ନିଆଯାଇଥିଲା। ଚନ୍ଦାହାଣ୍ଡି ବ୍ଲକ୍‌ରେ ପଞ୍ଚାୟତ ନିର୍ବାଚନରେ ବ୍ଲକ୍ ଅଧ୍ୟକ୍ଷଠାରୁ ଆରମ୍ଭ କରି ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ସଭ୍ୟ ପର୍ଯ୍ୟନ୍ତ ଓବିସି ସଂରକ୍ଷଣ ନ ଥିବାବେଳେ ଏମ୍‌ପି, ବିଧାୟକଙ୍କ ପ୍ରତିନିଧିଭାବେ ଯାଦବ ସମାଜରୁ ପ୍ରତିନିଧିତ୍ୱ ଦିଆଯାଉ ନ ଥିବାରୁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଓବିସି ବର୍ଗରେ ଅସୁଥିବା ଯାଦବ ସମାଜକୁ ଅବହେଳା କରାଯାଉଥିବା କୁହାଯାଇଥିଲା। କାର୍ଯ୍ୟକ୍ରମ ପରେ ଫୁଲଝରି ପିକ୍‌ନିକ୍ ସ୍ପଟ୍‌କୁ ସଫାସୁତରା କରାଯାଇଥିଲା। ଏଥିରେ କମଲୁ ମନହିରା, ବଳରାମ ଚିଲାଗୁନ, ନଟବର ମନହିରା, ବଳେକ ହାତୀ, ମନୋହର ଭାଟି, ମହେଶ୍ୱର ଗୋପାଳ ସମେତ ଯାଦବ ସମାଜର କର୍ମକର୍ତ୍ତା ଯୋଗ ଦେଇଥିଲେ।

